

ଭଲରୂପେ ଭାବିଚିନ୍ତି କୌଣସି କାମ କରିବା ନିମନ୍ତେ ନିଷ୍ପତ୍ତି ନିଅ। କିନ୍ତୁ ଥରେ ନିଷ୍ପତ୍ତି ନେବା ପରେ ସେହି କାର୍ଯ୍ୟ କରିବାରେ ବିଳମ୍ବ କରନାହିଁ।
- ସର୍ଦ୍ଦାର ବଲ୍ଲଭଭାଇ ପଟେଲ

## ସଂକ୍ଷେପରେ

### ମା' ମାଣିକେଶ୍ୱରୀ ମନ୍ଦିରରୁ ମୂର୍ତ୍ତି ଚୋରି

ଜେକେପୁର,୧୮।୧(ଡ଼ି.ଏନ.ଏ): ରାୟଗଡା ଜିଲା କୋଲନରା ବ୍ଲକ ଅନ୍ତର୍ଗତ ଥେରୁବାଲିସ୍ଥିତ ଖେଦାପଡାଠାରେ ଥିବା ମା' ମାଣିକେଶ୍ୱରୀ ମନ୍ଦିରରୁ ଅଷ୍ଟଧାତୁ ନିର୍ମିତ ମୂର୍ତ୍ତି ଗତ ଗୁରୁବାର ବିଳମ୍ବିତ ରାତିରେ ଚୋରି ହୋଇଯାଇଛି। ଖବରପାଇ ସ୍ଥାନୀୟ ପୋଲିସ ସାଇଣ୍ଟିଫିକ୍ ଟିମ ଓ ଡଗ୍ ସ୍କ୍ୱାଡ଼ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଗୁରୁବାର ରାତିରେ ମନ୍ଦିରରେ ତାଲା ପକାଇ ମୁଖ୍ୟ ପୂଜକ ପ୍ରତାପ ସିଂହ ନିଜ ଘରକୁ ଯାଇଥିଲେ। ଶୁକ୍ରବାର ସକାଳେ ମନ୍ଦିରରେ ଝାଡୁ କରିବାକୁ ଆସିଥିବା ବେଳେ ମନ୍ଦିରର ମୁଖ୍ୟ ଫାଟକ ଓ ଜଗମୋହନ ଦ୍ୱାର ତାଲା ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ। ପରେ ମନ୍ଦିରରୁ ମା'ଙ୍କ ଅଷ୍ଟଧାତୁର ମୂର୍ତ୍ତି ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ମନ୍ଦିର ପୂଜକ ଓ ଗ୍ରାମବାସୀ ଚାନ୍ଦିଲି ଥାନାରେ ଅଭିଯୋଗ କରିଥିଲେ। ମା'ଙ୍କ ମୂର୍ତ୍ତି ଚୋରି ହେବା ଏକ ଅଘଟଣ ହୋଇଥିବାରୁ ଆଗାମୀ ଦିନରେ ଅଞ୍ଚଳରେ ଚୋରି ମୂର୍ତ୍ତି ଫେରି ପାଇବା ନେଇ କେତେ ଜଣ ଗ୍ରାମବାସୀ ପୂଜାପାଠ କରିଥିବା ଜଣାପଡିଛି।

### ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ମୁନିଗୁଡ଼ା,୧୮।୧(ଡ଼ି.ଏନ.ଏ): ରାୟଗଡ଼ା ଜିଲା ମୁନିଗୁଡ଼ା ମହାବିଦ୍ୟାଳୟ ପରିସରରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼ା. ଦେବାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ପୂର୍ବତନ ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ରଥଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସେ ମୁନିଗୁଡ଼ା ମହାବିଦ୍ୟାଳୟରେ ୧୯୮୭ ମସିହାରେ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରି ୩୨ ବର୍ଷ ଧରି ନିଜର କାର୍ଯ୍ୟକୁ ସୁଚାରୁ ରୂପେ ତୁଲାଇବା ସହ ବହୁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଢ଼ି ତୋଳିବାରେ ସହାୟକ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପୂର୍ବତନ ସମ୍ପାଦକ ବୃନ୍ଦାବନ ଗୌଡ଼ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରଥଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧନା ଦେଇଥିଲେ।

### ଗୁଣପୁର କଲେଜରେ ଲାଗିଲା ବାୟୋମେଟ୍ରିକ ମେଶିନ

ଗୁଣପୁର,୧୮।୧(ଡି.ଏନ.ଏ):ରାୟଗଡା ଜିଲା ଗୁଣପୁର କଲେଜରେ ବାୟୋମେଟ୍ରିକ୍ ମେଶିନ ଲଗାଯାଇଛି। କଲେଜରେ ବର୍ତ୍ତମାନ ମୋଟ ୬୪ ଜଣ କାର୍ଯ୍ୟରତ ଅଛନ୍ତି। ଗତ ୪ ତାରିଖରୁ ବର୍ତ୍ତମାନ ସୁଦ୍ଧା ୬୦ ଜଣ ନାମ ପଞ୍ଜୀକୃତ କରିଛନ୍ତି। ବଳକା ଇତିମଧ୍ୟରେ ୧୫ ଦିନ ବିତିଥିଲେ ମଧ୍ୟ ୪ ଜଣ ଅଧ୍ୟାପକ ସେମାନଙ୍କ ନାମକୁ ବାୟୋମେଟ୍ରିକ ମେଶିନରେ ପଞ୍ଜୀକରଣ କରିନାହାନ୍ତି। ଯାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଜଣେ ଅଧ୍ୟାପିକା ସନମ ଜଜ ଦୀର୍ଘ ଦିନ ହେବ ଛୁଟିରେ ଥିବାରୁ ସେ ତାଙ୍କ ନାମକୁ ପଞ୍ଜିକରଣ କରିନାହାନ୍ତି। ଆଉ ୩ ଜଣ ଯଥା ପଦାର୍ଥ ବିଜ୍ଞାନର ଅଧ୍ୟାପକ ସତୀଶ ପଟ୍ଟନାୟକ ଏବଂ ପରୀକ୍ଷାଗାର ସହାୟକ ପ୍ରସନ୍ନ ମିଶ୍ର ଏବଂ ରାଜନିତି ବିଜ୍ଞାନର ଅଧ୍ୟାପକ ଜ୍ୟୋତି ରଞ୍ଜନ ପଟ୍ଟନାୟକ ବର୍ତ୍ତମାନ ସୁଦ୍ଧା ନାମ ପଞ୍ଜୀକରଣ କରିନାହାନ୍ତି ବୋଲି ଅଧ୍ୟକ୍ଷ ଡ.ବାମଦେବ ମିଶ୍ର ପ୍ରକାଶ କରିଛନ୍ତି। ଏଥିସହ ସେମାନଙ୍କୁ ତାଗିଦ କରାଯାଉଥିଲେ ମଧ୍ୟ ସେମାନେ ଶୁଣୁ ନ ଥିବା କହିଛନ୍ତି। ଅଧ୍ୟାପକମାନେ ୫ ଘଣ୍ଟା କଲେଜରେ ରହିବାସହ ଆସିବା ଏବଂ ଯିବା ସମୟରେ ଆଙ୍ଗୁଠି ଛାପ ଦେଇ ଆସିବେ। ସେହିପରି କର୍ମଚାରୀମାନେ ୧୦ଟାରୁ ୫ ଟା ଯଥା ମଧ୍ୟାହ୍ନବିରତିକୁ ଛାଡି ସାଢେ ୬ ଘଣ୍ଟା କଲେଜରେ ରହିବେ।

## କମେଣ୍ଟମରାକୁ ନେଇ ଗୋଷ୍ଠୀ ସଂଘର୍ଷ ଘଟଣା

# ବସିଲା ଶାନ୍ତି କମିଟି ବୈଠକ

ରାୟଗଡା ଅଫିସ୍, ୧୮।୧

ରାୟଗଡା ଜିଲା ଜେକେପୁରଠାରେ ଘଟିଥିବା ଗୋଷ୍ଠୀ ସଂଘର୍ଷ ଘଟଣା ଶୁକ୍ରବାର ନିୟନ୍ତ୍ରଣକୁ ଆସିଛି। କମେଣ୍ଟ ମରାକୁ କେନ୍ଦ୍ରକରି ଏହି ଗୋଷ୍ଠୀ ସଂଘର୍ଷ ଘଟିଥିଲା। ଜେକେପୁରର ବିଭିନ୍ନ ସ୍ଥାନରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ପ୍ରତି ଛକରେ ଯବାନ୍‌ମାନେ ଜଗି ରହିଛନ୍ତି। ପୋଲିସ ପକ୍ଷରୁ ଏକ ଶାନ୍ତି କମିଟି ଗଠନ କରାଯାଇଛି। ଉଭୟପକ୍ଷର ଲୋକଙ୍କୁ ନେଇ ଶୁକ୍ରବାର ଶାନ୍ତି କମିଟି ଆଲୋଚନା ହୋଇଥିଲା। ଚାନ୍ଦିଲି ଥାନାରେ ପ୍ରାଥମିକ ଆଲୋଚନା କରାଯାଇଛି। ସେଥିରେ ସୁଫଳ ମିଳିଥିବା ଏସ୍‌ଡିପିଓ ରାଜକିଶୋର ଦାସ କହିଛନ୍ତି। ବର୍ତ୍ତମାନ ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ଥିବା ସେ ସୂଚନା ଦେଇଛନ୍ତି।

**ପରିସ୍ଥିତି ନିୟନ୍ତ୍ରଣାଧୀନ**




ଗ୍ରାମରେ ପୋଲିସ ପଇଁତରା ମାରୁଛି।

ଉଭୟ ପକ୍ଷରୁ ଏତଲା ଦେବାପରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ପୋଲିସ କହିଛି। ଏଣେ ଗଣ୍ଡଗୋଳକାରୀଙ୍କୁ ପୋଲିସ ନଜର ରଖିବା ସହିତ ପେଶାଦାର ଅପରାଧିଙ୍କୁ ମଧ୍ୟ ଚେତାବନୀ ଦିଆଯାଇଛି। କାରଣ ପୂର୍ବରୁ ମଧ୍ୟ ଏଠି ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଥିଲା। ସୂଚନାଯୋଗ୍ୟ ଯେ, କଳାହାଣ୍ଡିପଡାର କିଛି ଯୁବକ ଅରବିନ୍ଦ ନଗର ଅଞ୍ଚଳରେ ମହିଳାଙ୍କୁ କମେଣ୍ଟ ମାରିଥିବା ଅଭିଯୋଗ ହୋଇଥିଲା। ବୁଧବାର ସନ୍ଧ୍ୟାରେ ଅରବିନ୍ଦନଗର ଓ କଳାହାଣ୍ଡିପଡା ଗ୍ରାମବାସୀଙ୍କ ମଧ୍ୟରେ ଆରମ୍ଭ ହୋଇଥିଲା ମାରପିଟ। ଏଥିରେ ୨ଜଣ ଆହତ ହୋଇଥିଲେ। ଗୁରୁବାର ଅପରାହ୍ନରେ କଳାହାଣ୍ଡିପଡାର ଯୁବକମାନେ ସଂଘବଦ୍ଧ ଭାବେ ଅରବିନ୍ଦନଗର ଓ ଭାଟିପଡା ଉପରେ ଆକ୍ରମଣ କରିଥିଲେ। ବିଭିନ୍ନ ଲୋକଙ୍କ ଘରେ ପଶି ବ୍ୟାପକ ଭଙ୍ଗାରୁଜା କରିଥିଲେ। ଉଭୟପକ୍ଷ ମଧ୍ୟରେ ମାରିପଟ ଯୋଗୁ ୪ଜଣ ଆହତ ହୋଇଥିଲେ।

# ଗ୍ରାମୀଣ ବଜାର, ସୌର ସେଚ ପ୍ରକଳ୍ପ ଉଦ୍‌ଘାଟିତ



ସ୍ୱର୍ଶ ଅନୁଷ୍ଠାନର ସଭାପତ ମମତା ସିଙ୍ଘାଣିଆ ସୌର ସେଚ ପ୍ରକଳ୍ପକୁ ଉଦ୍‌ଘାଟନ କରୁଛନ୍ତି।

ଜେକେପୁର,୧୮।୧(ଡ଼ି.ଏନ.ଏ)

ଜେକେ କାଗଜ କଳ ସାମାଜିକ ପାରିପାର୍ଶ୍ୱିକ ଦାୟିତ୍ୱବୋଧତା(ସିଏସଆର)ର ଏକ ଅଙ୍ଗ ଭାବେ ପରିଚାଳିତ ସ୍ୱର୍ଶ ଅନୁଷ୍ଠାନର ସଭାପତି ମମତା ସିଙ୍ଘାଣିଆ ରାୟଗଡ଼ା ଗସ୍ତ କରିଛନ୍ତି। ସେ ରାୟଗଡାଠାରେ ଗ୍ରାମୀଣ ବଜାର ଏବଂ ମାଉଡିଗୁଡାଠାରେ ସୌର ସେଚ ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ। ସେ ପ୍ରଥମେ ରିଭଲକୋଣାଠାରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନଙ୍କ ଦ୍ୱାରା ପ୍ରସ୍ତୁତ ହେଉଥିବା ଫୁଲ ଝାଡୁ ୟୁନିଟକୁ ବୁଲି ଦେଖିଥିଲେ। ପରେ ମାଉଡିଗୁଡା ଠାରେ କ୍ଷୁଦ୍ର ସୌରଚାଳିତ ସେଚ ପ୍ରକଳ୍ପ ଯୋଜନାର ଉଦ୍‌ଘାଟନ କରି ଚାଷୀମାନଙ୍କୁ ବଜାର ଚାହିଦା ଅନୁଯାୟୀ ପରିବା ଚାଷ କରିବା ଲାଗି ପରାମର୍ଶ ଦେଇଥିଲେ। ଏଥିନିମନ୍ତେ ସ୍ୱର୍ଶ ଅନୁଷ୍ଠାନର ସହଯୋଗ ରହିବ ବୋଲି କହିଥିଲେ। ଏହି କ୍ଷୁଦ୍ର ସୌରଚାଳିତ ସେଚ ପ୍ରକଳ୍ପ ଦ୍ୱାରା ମାଉଡିଗୁଡା ଗ୍ରାମର ୪୬ ଜଣ ଚାଷୀ ଉପକୃତ ହେବା ସହ ୨୬ ଏକର ଚାଷ ଜମିରେ ଜଳସେଚିତ ହୋଇପାରିବ ବୋଲି ସିଙ୍ଘାଣିଆ ପ୍ରକାଶ କରିଥିଲେ। ଆଗକୁ ଏହି ଯୋଜନାରେ କୋଲନରା ଏବଂ ରାୟଗଡା ବ୍ଲକର ୧୦ ଗୋଟି ଗ୍ରାମକୁ ଅନ୍ତର୍ଭୁକ୍ତ କରାଯିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଉଥିବା କହିଥିଲେ। ରାୟଗଡା ଠାରେ ନିର୍ମାଣ କରା ଯାଇଥିବା ଗ୍ରାମୀଣ ବଜାରର ଶୁଭାରମ୍ଭ କରିଥିଲେ। ଏହାଦ୍ୱାରା ବଡ ଚାନ୍ଦିଲି ଗ୍ରାମର ମା ଠାକୁରାଣୀ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଏକ ବଜାରୀକରଣର ପ୍ଲାଟଫର୍ମ ମିଳିପାରିବ। ବ୍ୟବସାୟ ସୁବିଧା ନିମନ୍ତେ ନାବାର୍ଡର ଅନୁବନ୍ଧିତାରେ ଏହି ଗ୍ରାମୀଣ ବଜାର ତିଆରି କରାଯାଇଛି। ଏହି ବଜାରକୁ ଏକ ହବ ରେ ପରିଣତ କରି ଏଠାରେ କ୍ରମଶଃ ବିଲୁପ୍ତ ହୋଇଯାଉଥିବା ସ୍ୱଦେଶୀ ଜଙ୍ଗଲଜାତ ଦ୍ରବ୍ୟକୁ ପ୍ରଦର୍ଶିତ କରି ଏହାର ଲୋକପ୍ରିୟତାକୁ ପୁଣି ଥରେ ଉଜ୍ଜୀବିତ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିବ ବୋଲି ସିଙ୍ଘାଣିଆ ପ୍ରକାଶ କରିଥିଲେ। କ୍ଷୁଦ୍ର ଉଦ୍ୟୋଗୀମାନଙ୍କ ଦ୍ୱାରା ନିର୍ମାଣ କରାଯାଇଥିବା ପେପର ପ୍ଲେଟ ୟୁନିଟ ଗୁଡିକୁ ବୁଲି ଦେଖିଥିଲେ। ଏହି ଗସ୍ତ ସମୟରେ ନାବାର୍ଡର ଡିଜିଏମ ପି.କେ.ମହାପାତ୍ର, ଜେକେ କାଗଜ କଳର କାର୍ଯ୍ୟ ନିର୍ବାହୀ ଉପସଭାପତି ପବନ କୁମାର ସୂରୀ, ଲୋକ ସଂପର୍କ ବିଭାଗର ବରିଷ୍ଠ ପ୍ରବନ୍ଧକ ସୁନୀଲ କୁମାର ନାଥ ଉପସ୍ଥିତ ଥିଲେ।

# ରମ୍ଭା ଗଲା କାଶୀପୁର କାଜୁ

ରାୟଗଡା ଅଫିସ୍, ୧୮।୧

ରାୟଗଡା ଜିଲା କାଶୀପୁର ଅଞ୍ଚଳରେ ବର୍ତ୍ତମାନ ପ୍ରଚୁର ପରିମାଣରେ ଉତ୍ପାଦନ ହେଉଛି କାଜୁ। ଗତ ୩ବର୍ଷ ହେବ କାଶୀପୁରର ଆମ୍ବ ଦିଲ୍ଲୀକୁ ପଠାଯାଉଥିବା ବେଳେ ବର୍ତ୍ତମାନ କାଜୁ ସଂଗୃହିତ କରି ଶୁକ୍ରବାର ଗଞ୍ଜାମ ଜିଲା ରମ୍ଭାରେ ଥିବା କାଜୁ କାରଖାନାକୁ ପଠାଯାଇଛି। ୯.୬ମେଟ୍ରିକ ଟନ୍ ସଂଗୃହିତ କାଜୁକୁ ଏକ ଟ୍ରକ୍ ଜରିଆରେ ପଠାଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲାପାଳ ଗୁହା ପୁନମ ତାପସ କୁମାର ସବୁଜ ପତାକା ଦେଖାଇ ଟ୍ରକ୍‌ଟିର ଶୁଭାରମ୍ଭ କରିଥିଲେ। ରାୟଗଡା ଏକ କୃଷି ପ୍ରଧାନ ଜିଲା। ଏହି ଜିଲାର ଚାଷୀମାନେ କିପରି ଲାଭବାନ ହୋଇପାରିବେ ଏବଂ ଗୁଣପୁର ଓ ପଦ୍ମପୁର ଅଞ୍ଚଳରେ କାଜୁ ଉତ୍ପାଦନକୁ କିପରି ବଢ଼ାଯାଇପାରିବ ସେଥିପ୍ରତି ଧ୍ୟାନ ଦିଆଯିବ ବୋଲି ଜିଲାପାଳ କହିଥିଲେ। କାଜୁକୁ ସରକାରଙ୍କ ଅଧିନରେ ଥିବା ଧରତିପେନୁ କୃଷି ଉତ୍ପାଦନ କମ୍ପାନୀ ପକ୍ଷରୁ ଏହା ସଂଗୃହିତ କରାଯାଇ ପଠାଯାଇଛି। କାଶୀପୁର ବ୍ଲକ୍‌ର ବିଭିନ୍ନ ଗାଁରେ ଥିବା ଉତ୍ପାଦନ ଗୋଷ୍ଠୀ ପକ୍ଷରୁ କିଲୋପିଛା ୧୩୮ଟଙ୍କା ଦରରେ କିଣାଯାଇ ୧୪୨ଟଙ୍କା ଦରରେ କାଜୁ କାରଖାନାକୁ ପ୍ରଦାନ ହୋଇଛି। ପ୍ରଥମ ପର୍ଯ୍ୟାୟରେ କାଶୀପୁର, ସୁଙ୍ଗେର ଓ ସିଆଡିମାଳର ୫ଟି ଗୋଷ୍ଠୀ ପକ୍ଷରୁ ଏହା କିଣାଯାଇଛି। ଚଳିତ ବର୍ଷ ୫୦ମେଟ୍ରିକ୍ ଟନ୍ କାଜୁ ଯୋଗାଇବା ପାଇଁ କମ୍ପାନୀ ଲକ୍ଷ୍ୟ ରଖିଛି। କାଜୁ ପ୍ରେରଣ ବେଳେ ଓରମାସର ସହକାରୀ ନିର୍ଦ୍ଦେଶକ ମନୋଜ କୁମାର ପାତ୍ର ଧରତିପେନୁ ସଂସ୍ଥାର ସୁବାସ ନାୟକ, ଓଡ଼ିଶା ଜୀବୀକା ମିଶନର ହେମନ୍ତ ବାଗ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।




ଜିଲାପାଳ ସବୁଜ ପତାକା ଦେଖାଇ ଟ୍ରକକୁ ଶୁଭାରମ୍ଭ କରୁଛନ୍ତି।

### ପର୍ଯ୍ୟଟନ ଅଧିକାରୀଙ୍କ ବିଭିନ୍ନ ସ୍ଥାନ ପରିଦର୍ଶନ

ଗୁଣପୁର,୧୮।୧(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁରର ବିଭିନ୍ନ ପର୍ଯ୍ୟଟନ ସ୍ଥଳିକୁ ପରିଦର୍ଶନରେ ଆସିଯାଇଛନ୍ତି ପର୍ଯ୍ୟଟନ ଅଧିକାରୀ ବୁଡୁଲା ବୁଦ୍ଧଦେବ। ଶୁକ୍ରବାର ସେଫାଳି ପାହାଡସ୍ଥିତ ରାମେଶ୍ୱର ଶିବଶମ୍ଭୁ ପରିଦର୍ଶନ କରିଥିଲେ। ଏହି ସମୟରେ ମନ୍ଦିର କମିଟିର ନୁନୁ ପାଢୀ, ପ୍ରେମାଂଶୁ ରଥ ପ୍ରମୁଖ ଏହି ସ୍ଥାନକୁ ପର୍ଯ୍ୟଟନ ସ୍ଥଳିର ମାନ୍ୟତା ପ୍ରଦାନ କରିବା ପାଇଁ ପଦକ୍ଷେପ ନେବାକୁ ଦାବି କରିଥିଲେ। ଦାବି ସମ୍ପର୍କରେ ପଦକ୍ଷେପ ନିଆଯିବ ବୋଲି ପର୍ଯ୍ୟଟନ ଅଧିକାରୀ କହିଥିବା କମିଟି ସଦସ୍ୟଙ୍କ ପକ୍ଷରୁ କୁହାଯାଇଛି। ସେ ଭୀମପୁର ପଞ୍ଚାୟତର ମାଛଡିଆଁ ଜଳପ୍ରପାତ, ପଦ୍ମପୁରର ମରିଚଗୁଡା, କେନ୍ଦୁଗୁଡା ଡ୍ୟାମ ମଧ୍ୟ ପରିଦର୍ଶନ କରିଥିଲେ।

# ମହିଳା କଲେଜର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ରାୟଗଡା ଅଫିସ୍, ୧୮।୧

ରାୟଗଡା ମହିଳା ମହାବିଦ୍ୟାଳୟର ୩୬ତମ ବାର୍ଷିକ କ୍ରୀଡା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧକ୍ଷା ସୁଷମା ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଜିଲା କ୍ରୀଡା ଅଧିକାରୀ ଶେଖ୍ ଅଲ୍ଲୀନୁର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଡା. ନରେନ୍ଦ୍ର ମିଶ୍ର ଯୋଗଦେଇ ଛାତ୍ରୀମାନଙ୍କୁ ବହୁ ପ୍ରେରଣା ଯୋଗାଇଥିଲେ। କ୍ରୀଡା ସଂସଦ ଉପସଭାନେତ୍ରୀ ସରୋଜା ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ରଘୁନାଥ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରତିମା ପଣ୍ଡା ବିଶିଷ୍ଟ ବ୍ୟକ୍ତିଙ୍କ ସମ୍ବର୍ଦ୍ଧନା ପାଠ କରିଥିଲେ। ଅଧକ୍ଷା ସୁଷମା ଦାସ, ଅଧ୍ୟାପିକା ଡା. ସୁଷମା ଉଦ୍‌ଗାତା ଓ ଅଣକର୍ମଚାରୀ ବି.ବାସନ୍ତୀଙ୍କୁ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଲ୍ୟୁଟନାଣ୍ଟ ରୀତାରାଣୀ ମିଶ୍ର ଧନ୍ୟବାଦ ଦେଇଥିଲେ। ସମ୍ମାନିତ ଅତିଥି କ୍ରୀଡା ପତାକା ଅବତରଣ କରିଥିଲେ।



କୃତୀ ଛାତ୍ରୀଙ୍କ ସହ ଅତିଥିମାନେ।

# ଭାରିଯାନ ନିଷେଧ ନେଇ ଦାବିପତ୍ର

ମୁନିଗୁଡ଼ା,୧୮।୧(ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡ଼ାଠାରେ ଭାରିଜାନ ତଥା ମାଲବୋଝେଇ ଟ୍ରକ୍‌ଗୁଡ଼ିକ ଦ୍ୱାରା ଟ୍ରାଫିକ୍ ସମସ୍ୟା ଉପୁଜୁଛି। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମୁନିଗୁଡ଼ାରେ ଭାରିଯାନ ନିଷେଧ ନେଇ ଏକ ଦାବିପତ୍ର ମୁନିଗୁଡ଼ା ଏସ୍‌ଡିପିଓ ଚନ୍ଦ୍ରଶେଖର ହୋତାଙ୍କୁ ପ୍ରଦାନ କରାଯାଇଛି। ମୁଖ୍ୟ ରାସ୍ତାରେ ଭାରିଯାନ ଯାତାୟତ ଯୋଗୁ ଦିନକୁ ଦିନ ଛୋଟ ବଡ଼ ଦୁର୍ଘଟଣା ମାନ ଘଟୁଛି। ଗତ ୮ ତାରିଖରେ ମୁଖ୍ୟ ରାସ୍ତାରେ ବାଇକ୍ ଓ ଭାରିଯାନ ଟ୍ରକ୍ ମଧ୍ୟରେ ଦୁର୍ଘଟଣା ଘଟିଥିଲା। ଫଳରେ ଦୁଇ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିଲା। ଯାହାଦ୍ୱାରା ମୁନିଗୁଡ଼ା ମୁଖ୍ୟ ରାସ୍ତା ୧୨ ଘଣ୍ଟା ଧରି ଅବରୋଧ କରାଯାଇଥିଲା। ତେଣୁ ମୁନିଗୁଡ଼ାକୁ ଭାରିଯାନ ନିଷେଧ କରିବାକୁ ଉକ୍ତ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ମୁନିଗୁଡା ଜିଲା ପରିଷଦ ସଭ୍ୟ ରାମଚନ୍ଦ୍ର ବେହେରା, ଭୀମ ବେହେରା, ପଦ୍ମ ବେହେରା, ମୁକେଶ ବାରାସିଆ, ଭାଜପା ବ୍ଲକ ଯୁବ ସଭାପତି ଭୋଳାନାଥ ଦୁବେ, ଚନ୍ଦନ ସାହୁ, ବିଶ୍ୱା ମିତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଦାବିପତ୍ରର ଏକ ନକଲ ଜିଲାପାଳ, ଏସପି, ମୁନିଗୁଡା ତହସିଲଦାର, ମୁନିଗୁଡା ବିଡ଼ିଓଙ୍କୁ ପ୍ରେରଣ କରାଯାଇଥିବା ଜଣାପଡିଛି।



ମୁନିଗୁଡ଼ା ଏସଡ଼ିପିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।



## ସଂକ୍ଷେପରେ

### ମନ୍ଦିର ପ୍ରତିଷ୍ଠା ଉତ୍ସବ



ଗୋବିନ୍ଦପାଲି,୧୮।୧(ଡି.ଏନ୍.ଏ.)- ଗୋବିନ୍ଦପାଲିର ଗୋବିନ୍ଦ ଶ୍ରୀକ୍ଷେତ୍ର ପରିସରରେ ଅଗ୍ରପୂଜ୍ୟ ଗଣେଶ, ରାମ, ଶିବ, ଲକ୍ଷ୍ମୀ ଓ ବିରଳା ମନ୍ଦିର ପ୍ରତିଷ୍ଠା ଉତ୍ସବ ଗୁରୁବାରଠାରୁ ଚାଲୁ ରହିଛି। ରତ୍ନମୁଦ ଉତ୍ସବରେ ଶ୍ରଦ୍ଧାଳୁମାନେ ଶସ୍ୟ, ଅଳଙ୍କାର, ଧାତୁ, ଚାଉଳ ଆଦି ପକାଇଥିଲେ। ଏହି ସମୟରେ ସ୍ଥାନୀୟ ବିଧାୟକ ଡମ୍ବରୁ ଶିଶା ଓ ରେଞ୍ଜ ଅଫିସର ପର୍ଶୁରାମ ଭୂମିଆ ଉପସ୍ଥିତ ଥିଲେ। । ଶୁକ୍ରବାର ଥିଲା ଉତ୍ସବର ଶେଷ ଦିବସ। ଏହି ଅବସରରେ ବିଗ୍ରହମାନଙ୍କ ନଗର ପରିକ୍ରମା, ସୂର୍ଯ୍ୟପୂଜା, ମଣ୍ଡଳ ପୂଜା, ମନ୍ଦିରରେ ଠାକୁରଙ୍କ ସ୍ଥାପନା ହୋଇଥିଲା ବୋଲି ମନ୍ଦିର ପରିଚାଳନା କମିଟି ମୁଖ୍ୟ ଏମ୍. ଲକ୍ଷ୍ମଣ ରାଓ କହିଛନ୍ତି । ଏହି ଅବସରରେ ଡିଏସପି ମାନସ ରଞ୍ଜନ ବାରିକ ଉପସ୍ଥିତ ଥିଲେ। ପ୍ରତିଷ୍ଠା କାର୍ଯ୍ୟରେ ମହେନ୍ଦ୍ର ପାଣିଗ୍ରାହୀ ବିନୁ ରଥ, ଗୁପ୍ତେଶ୍ୱର ବ୍ରହ୍ମା, କିଶୋରଚନ୍ଦ୍ର ରଥ, ଲିଟିଲ୍ ପାଢ଼ୀ, ସୁଶାନ୍ତ ବେହେରା, ହର ମହାପାତ୍ର ସହଯୋଗ କରିଥିଲେ ।

### ପାଣି ପଞ୍ଚାୟତ ପକ୍ଷ ପାଳିତ

ବାଲିମେଳା,୧୮।୧(ଡି.ଏନ.ଏ.)– ମାଲକାନଗିରି ଜିଲା ବାଲିମେଳା ପୋଟେରୁ ଜଳସେଚନ ବିଭାଗ ପକ୍ଷରୁ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ରୂପେ କାଡାର ପ୍ରକଳ୍ପ ନିର୍ଦ୍ଦେଶକ ମୁକ୍ତିକାନ୍ତ ମହାପାତ୍ର, ମୁଖ୍ୟବକ୍ତା ରୂପେ ଜିଲା କୃଷି ଅଧିକାରୀ କୈଳାସ ଚନ୍ଦ୍ର ସ୍ୱାଇଁ, ଅନ୍ୟତମ ଅତିଥି ରୂପେ କୃଷି ଉପ ନିର୍ଦ୍ଦେଶକ ରାମଚନ୍ଦ୍ର ପଟ୍ଟନାୟକ ଯୋଗ ଦେଇଥିଲେ। ଅତିଥିମାନେ କମ୍ ପାଣିରେ ଚାଷ, କେନାଲ ଜଳକୁ ଉପଯୁକ୍ତ କାର୍ଯ୍ୟରେ ଲଗାଇବା ନେଇ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ପାଣିର ଅପବ୍ୟବହାର ରୋକାଯାଇ ଏହାର ସଂରକ୍ଷଣ କରା ନ ଗଲେ ଆଗାମୀ ଦିନରେ ଜଟିଳ ପରିସ୍ଥିତି ସୃଷ୍ଟି ହେବ ବୋଲି ସେମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ୫୧ଟି ପାଣି ପଞ୍ଚାୟତର ଚାଷୀମାନେ ଉପସ୍ଥିତ ଥିଲେ। ନିର୍ବାହୀଯନ୍ତ୍ରୀ ସରୋଜ ଗୁପ୍ତାଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଖଇରପୁଟ ଚାଷୀ ରାଜ୍ୟ ସ୍ତରରେ ସମ୍ମାନିତ

ଖଇରପୁଟ,୧୭।୧(ଡି.ଏନ୍.ଏ.)- ମାଲକାନଗିରି ଜିଲା ଖଇରପୁଟ ବ୍ଲକ ସଦରମହକୁମାର ଚାଷୀ ଜଗବନ୍ଧୁ ସମରଥ ରାଜ୍ୟ ସରକାରଙ୍କ ଦ୍ୱାରା 'କୃତୀ କୃଷକ ସମ୍ମାନ'ରେ ଭୁବନେଶ୍ୱରଠାରେ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝିଙ୍କ ଦ୍ୱାରା ସମ୍ମାନିତ ହୋଇଛନ୍ତି । ଉକ୍ତ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀ ଶଶିଭୂଷଣ ବେହେରା, ବିଧାୟକ ଅରୁଣ ସାହୁ ଓ ପ୍ରିୟଦର୍ଶୀ ମିଶ୍ର ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟର ୨୫ ଜିଲାର ଶ୍ରେଷ୍ଠ ୨୫ ଜଣ ଚାଷୀ ସମ୍ମାନିତ ହୋଇଥିଲେ । ସେମାନଙ୍କ ମଧ୍ୟରୁ ଜଗବନ୍ଧୁ ଅନ୍ୟତମ। ସେ ଜଣେ ପରିଶ୍ରମୀ ତଥା ଭଲ ଚାଷୀ ରୂପେ ଏହି ଅଞ୍ଚଳରେ ପରିଚିତ ।

## ଲାଲଗଡ଼ରେ ପହଞ୍ଚିଛି ବିକାଶ

# ନିର୍ଭୟରେ ଜୀବନ ବିତାଉଛନ୍ତି ଆଦିବାସୀ

ମାଲକାନଗିରି,୧୮।୧ (ଡି.ଏନ୍.ଏ.)

ଯେଉଁଠି ଦିନେ ମାଓବାଦୀଙ୍କ ଇସାରାରେ ପତ୍ର ହଲୁ ନ ଥିଲା ସେହି ଅଞ୍ଚଳରେ ଲୋକେ ଆତଙ୍କିତ ଅବସ୍ଥାରେ ଥିଲେ । କୌଣସି ପ୍ରଶାସନିକ ଅଧିକାରୀ, ଠିକାଦାର, ବ୍ୟବସାୟୀ କିମ୍ବା ଶିକ୍ଷୟିତ୍ରୀ ଶିକ୍ଷକମାନେ ସେହି ଅଞ୍ଚଳକୁ ଯିବାକୁ ଦିନେ ଭୟ କରୁଥିଲେ। ଏବେ ସେ ଚିତ୍ର ବଦଳିଯାଇଛି। ପ୍ରଗତି ପଥରେ ସାମିଲ ହୋଇଛନ୍ତି ଅଞ୍ଚଳବାସୀ। ହସଖୁସିରେ ଜୀବନ ବିତାଉଛନ୍ତି।

ମାଲକାନଗିରି ଜିଲା କାଲିମେଳା ବ୍ଲକ ବଡିଗେଟା ଗ୍ରାମ ପଞ୍ଚାୟତର ମାରିଗେଟା, ଟେକଗୁଡା କଲୋନୀ–ଏ.ବି.ସି. କୋଡିଗନ୍ଧି ଆଦି ୭ଟି ଗ୍ରାମ ଦୀର୍ଘ ବର୍ଷ ହେଲା ଲାଲଗଡ ନାମରେ ପରିଚିତ ଥିଲା। ସେହି ଅଞ୍ଚଳରେ ମାଓବାଦୀ ହିଂସା ଯୋଗୁଁ ଅନେକ ଧନ ଜୀବନ ନଷ୍ଟ ହେବା ସହ ବହୁ ପରିବାର ଗ୍ରାମଛାଡି ଅନ୍ୟତ୍ର ରହୁଥିଲେ। ମାଓବାଦୀଙ୍କ ପ୍ରଜାକୋର୍ଟରେ ମାଡ ଖାଇବାଠାରୁ ଆରମ୍ଭ କରି ଅନେକ ନିର୍ଯାତିତ ହୋଇ ମାନସିକ ଭାରସାମ୍ୟ ହରାଇଥିଲେ। ପୋଲିସକୁ ସମର୍ଥନ କରୁଥିବା ସନ୍ଦେହରେ ଅନେକଙ୍କୁ ହତ୍ୟା କରାଯାଉଥିଲା। ଏପରିକି ସେହି ଅଞ୍ଚଳର ଆଦିବାସୀ ନେତା ସୋମନାଥ ମାଡକାମିଙ୍କୁ ମଧ ମାଓବାଦୀଙ୍କ ହତ୍ୟାର ଶିକାର ହେବାକୁ ପଡିଥିଲା। ତେବେ ସମ୍ପୃକ୍ତ ଅଞ୍ଚଳର ପରିସ୍ଥିତି ବଦଳିଯାଇଛି। ଏହି ଆଭ୍ୟନ୍ତରୀଣ ଅଞ୍ଚଳରେ ସରକାରଙ୍କ ବିକାଶମୂଳକ କାର୍ଯ୍ୟ ଯୋଗୁ ଅଞ୍ଚଳବାସୀ ମାଓବାଦୀଙ୍କଠାରୁ ମୁହଁ ଫେରାଇଲେଣି।



ବଡିଗେଟା ଗ୍ରାମପଞ୍ଚାୟତ ସାପ୍ତାହିକ ହାଟ ।

ଯେଉଁଠି ଦିନେ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ମିଳୁ ନ ଥିଲା, କାଲିମେଳା ଆସି ବଜାରରୁ କ୍ରୟ କରିବା ପାଇଁ ସାହାସ କରି ପାରୁ ନ ଥିଲେ ଏବେ ସେହି ଅଞ୍ଚଳରେ ଆଜି ସାପ୍ତାହିକ ହାଟରେ ଶହ ଶହ ଲୋକ ନିର୍ଭୟରେ ନିଜର ଜିନିଷପତ୍ର ବିକାକିଣା କରୁଥିବା ଦେଖିବାକୁ ମିଳିଛି। ଆମ ଅଞ୍ଚଳରେ ବିକାଶକୁ ଜିଲା ପ୍ରଶାସନ ଅଗ୍ରାଧିକାର ଦେଇଥିବା ଟେକଗୁଡା ଗ୍ରାମର ସହଦେବ ମାଟାମ୍, ସଦନ ବୁରୁଡି କହିଛନ୍ତି। ଏପରିକି ଗ୍ରାମଗୁଡିକରେ ଯେଉଁ ପାରମ୍ପରିକ ନୃତ୍ୟ ଗୀତ ସନ୍ଧ୍ୟା ସମୟରେ ଯୁବକ ଯୁବତୀ ମାନେ କରୁଥିଲେ ତାହା ଅନେକ ବର୍ଷ ହେଲା ବନ୍ଦ ଥିଲା। ଏବେ ସେସବୁର ପୁରାବୃତ୍ତି ହେଉଛି। ସନ୍ଧ୍ୟା ସମୟରେ ଗ୍ରାମଗୁଡିକରେ ଯୁବତୀଯୁବକମାନେ ହସଖୁସିରେ ନୃତ୍ୟ ଗୀତରେ ମଜ୍ଜି ଯାଉଛନ୍ତି। ଯେଉଁଠି ମୋବାଇଲ ବ୍ୟବହାର ବାରଣ ଥିଲା, ଆଜି ସମସ୍ତଙ୍କ ହାତରେ ମୋବାଇଲ ଫୋନ୍ ସେମାନଙ୍କ ଉନ୍ନତିର କଥା କହୁଛି। ଆମ ପରମ୍ପରାର କୁକୁଡା ଲଢେଇ ଖେଳ ପଣି ଆରମ୍ଭ ହୋଇ ବୋଲି ବଡିଗେଟା ସରପଞ୍ଚ ଇର୍ମା କବାସୀ, ମାରିଗେଟା ଗ୍ରାମର ଆଡମା ରାବାଙ୍କ ସହ ଅନ୍ୟ ଗ୍ରାମବାସୀମାନେ କହିଛନ୍ତି।

## ପିସିସିଏଫ୍‌ଙ୍କ ବଣ୍ଡାଘାଟି ଗସ୍ତ

ଖଇରପୁଟ, ୧୮।୧(ଡି.ଏନ.ଏ.)

ଜଙ୍ଗଲ ଓ ପରିବେଶ ବିଭାଗ ପିସିସିଏଫ ଦେବବ୍ରତ ସ୍ୱାଇଁ ମାଲକାନଗିରି ଜିଲାର ଦୁର୍ଗମ ଅଞ୍ଚଳ ବଣ୍ଡାଘାଟି ଗସ୍ତ କରିଥିଲେ। ସେ ମୁଦୁଲିପଡା ପଞ୍ଚାୟତକୁ ଯାଇ ମୁଦୁଲିପଡା ଗ୍ରାମ ନିକଟରେ ଥିବା ସୀତା କୁଣ୍ଡ ଦର୍ଶନ କରିଥିଲେ। ପରେ ବଣ୍ଡା ଜନଜାତି ମହିଳାମାନଙ୍କୁ ସେମାନଙ୍କ ଜୀବନଶୈଳୀ ସମ୍ପର୍କରେ ପଚାରି ବୁଝିଥିଲେ। ଆଗାମୀ ଦିନରେ ବଣ୍ଡାଘାଟିରେ ବନବିଭାଗ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ। ଏହି ଜନଜାତିର ଆର୍ଥିକ ତଥା ସାମାଜିକ ବିକାଶ କରାଯିବ ଯେପରି ହେବ ସେ ଦିଗରେ ପଦକ୍ଷେପ ନିଆଯିବ ବୋଲି ପିସିସିଏଫ ସ୍ୱାଇଁ ଆଲୋଚନା ବେଳେ ଗୁରୁତ୍ୱାରୋପ କରିଥିଲେ। ସୂଚନାଯୋଗ୍ୟ ଯେ, ବଣ୍ଡାଘାଟିକୁ ବର୍ଷ ତମାମ ପର୍ଯ୍ୟଟକ ବୁଲିବାକୁ ଆସୁଛନ୍ତି। ମାତ୍ର ଏଠାରେ ପର୍ଯ୍ୟଟକ କିମ୍ବା ଅଧିକାରୀଙ୍କ ରହିବା ପାଇଁ କୌଣସି ସୁବିଧା ନାହିଁ । ମୁଦୁଲିପଡା କିମ୍ବା ଖଇରପୁଟଠାରେ ଏକ ପାନ୍ଥଶାଳା ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି। ଏହି ଗସ୍ତ ସମୟରେ ପିସିସିଏଫ ସ୍ୱାଇଁଙ୍କ ସହ ମାଲକାନଗିରି ଡିଏଫଓ ପ୍ରଦୀପ ମିରାସେ, ଏସିଏଫ ଶ୍ରୀକାନ୍ତ ନାୟକ, ମାଥିଲି ବନପାଳ ପର୍ଶୁରାମ ଭୂମିଆ, ମୁଦୁଲିପଡା ବନରକ୍ଷୀ ଅଲ୍ଲି ମହମ୍ମଦ ଖାନଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



ପିସିସିଏଫ ବଣ୍ଡାଘାଟି ଅଞ୍ଚଳ ପରିଦର୍ଶନ କରୁଛନ୍ତି ।

# ଜୀବନକୁ ବାଜି ଲଗାଇ ଲୋକେ ହେଉଛନ୍ତି ନଦୀ ପାର



ବିପଦସଙ୍କୁଳ ଅବସ୍ଥାରେ ଡଙ୍ଗାରେ ପାର ହେଉଛନ୍ତି ଲୋକମାନେ ।

ମାଲକାନଗିରି,୧୮।୧ (ଡି.ଏନ୍.ଏ.)–

**କେବେ ସୁଧୁରିବ ଦୁର୍ଦ୍ଦଶା**
- ୧୫୦ କିଲୋମିଟର ରାସ୍ତା ଅଧିକ ବୁଲି ଯିବାକୁ ପଡୁଛି
- ଡଙ୍ଗା ପାର ବେଳେ ସର୍ବଦା ବିପଦ ଲାଗି ରହୁଛି

ମାଲକାନଗିରି ଜିଲା ସହ ପଡୋଶୀ କୋରାପୁଟ ଜିଲାର ଶତାଧିକ ଲୋକ ପ୍ରତ୍ୟହ ମୋଟୁଠାରେ ସାବେରୀ ଏବଂ ସିଲେରୁ ନଦୀରେ ବିପଦସଙ୍କୁଳ ଅବସ୍ଥାରେ ଡଙ୍ଗାରେ ନଦୀ ପାର ହେଉଛନ୍ତି। ସୀମାନ୍ତ ଆନ୍ଧ୍ର ଏବଂ ତେଲେଙ୍ଗାନା ରାଜ୍ୟରେ ଉନ୍ନୟନ କାର୍ଯ୍ୟ ଲାଗି ଶ୍ରମିକ ଅଭାବ ଯୋଗୁ ଆମ ରାଜ୍ୟର ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁର ଜିଲାରୁ ଶହ ଶହ ଶ୍ରମିକ ଏବଂ ବ୍ୟବସାୟୀ ଏହି ୨ ରାଜ୍ୟକୁ ଦୈନନ୍ଦିନ ଯାତାୟାତ କରନ୍ତି। ଏଥିସହ ଉଭୟ ରାଜ୍ୟର ସୀମାନ୍ତରେ ବ୍ୟବସାୟ ପାଇଁ ମାଲକାନଗିରିରୁ ପନିପରିବା ସହ ଅନ୍ୟାନ୍ୟ ସାମଗ୍ରୀ ନଦୀ ପାର ହୋଇଯାଇଥାଏ। ନଦୀରେ ଡଙ୍ଗା ପାର ବେଳେ ସର୍ବଦା ବିପଦ ଲାଗିରହିଛି। ପୂର୍ବରୁ ଏହି ନଦୀରେ ଅନେକ ଦୁର୍ଘଟଣା ଘଟିଥିବା ନଜିର ମଧ ରହିଛି। ଜିଲା ପ୍ରଶାସନ ଯୋଗାଇ ଦେଇଥିବା ଏକ ମୋଟର ଚାଳିତ ଡଙ୍ଗା ଉପରେ ଏକା ଥରକେ ୪୦ରୁ ଉର୍ଦ୍ଧ୍ୱ ଲୋକ ବାଇକ୍ ଓ ଅନ୍ୟାନ୍ୟ ସାମଗ୍ରୀ ସହ ଡଙ୍ଗାରେ ପାରିହେଉଛନ୍ତି। ମୋଟୁଠାରେ ଡାହାଣ ପଟେ ସାବେରୀ ନଦୀରେ ଛତିଶଗଡ ସରକାର ଏକ ସେତୁ ନିର୍ମାଣ କାର୍ଯ୍ୟ ଗତ ଦୁଇବର୍ଷ ହେଲା ଆରମ୍ଭ କରିଥିଲେ ମଧ ତାହା ମନ୍ଥର ଗତିରେ ଚାଲିଛି। ବାମ ପାର୍ଶ୍ୱରେ ସିଲେରୁ ନଦୀରେ ଆନ୍ଧ୍ର ସରକାର ଏକ ସେତୁ ଗତ ୩ବର୍ଷ ହେଲା ନିର୍ମାଣ ଜାରି ରଖିଥିବା ବେଳେ ଏହାର ଓଡିଶା ପଟୁ ସେତୁ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଏଯାଏ ଆରମ୍ଭ ହୋଇନାହିଁ। ଫଳରେ ଚାରିଚକିଆ ଯାନ ଆନ୍ଧ୍ର ଏବଂ ଛତିଶଗଡକୁ ଯିବା ପାଇଁ ୧୫୦ କିଲୋମିଟର ରାସ୍ତା ଅଧିକ ବୁଲି ଯିବାକୁ ପଡୁଛି। ତେବେ ଏହି ଦୁଇ ସେତୁ ନିର୍ମାଣ କାର୍ଯ୍ୟ କେବେ ଶେଷ ହେବ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# କୋରୁକୋଣ୍ଡା ସେତୁ ନିର୍ମାଣ ବନ୍ଦ ଯୋଗୁ ଜନ ଅସନ୍ତୋଷ

କୋରୁକୋଣ୍ଡା,୧୮।୧–

- ଏମ୍‌ଭି-୩୭ ସେତୁ କାର୍ଯ୍ୟ ନିକଟରେ ଆରମ୍ଭ ହୋଇଛି
- ମନ୍ଥର ଗତିରେ ଏମ୍‌ଭି- ୧୧ ସେତୁ
- ୩ ସେତୁ ପାଇଁ ବ୍ୟୟ ଅଟକଳ ୧୧ କୋଟି

ମାଲକାନଗିରି ଜିଲା ସଦରମହକୁମାଠାରୁ ବାଲିମେଳା ଚିତ୍ରକୋଣ୍ଡା ମୁଖ୍ୟ ରାସ୍ତା ମଧ୍ୟରେ ୩ଟି ଛୋଟ ଛୋଟ ନଦୀ ପଡୁଛି। ବର୍ଷାଦିନେ ଏହି ନଦୀରେ ବନ୍ୟାଜଳ ପ୍ରବାହିତ ହୋଇ ଗମନାଗମନ ବାଧାପ୍ରାପ୍ତ ହୋଇଥାଏ। ଏପରି କି ଅଦିନିଆ ବର୍ଷା ଏବଂ ଲଘୁଚାପ ବର୍ଷା ନଦୀରେ ଜଳସ୍ତର ବୃଦ୍ଧି କରିଥାଏ। ସେହି ସମୟରେ ମାଲକାନଗିରି ସଦରମହକୁମା ଠାରୁ ବାଲିମେଳା, ଚିତ୍ରକୋଣ୍ଡା, ତାର୍ଲାକୋଟା, ଆନ୍ଧ୍ରର ସିଲେରୁ, ମୋଟୁଗୁଡେମ୍, ବିଶାଖାପାଟଣାକୁ ଯାତାୟାତ ବନ୍ଦ ରହିଥାଏ । ରାଜ୍ୟ ସରକାର ଏହି ୩ଟି ନଦୀରେ ଗତ ଦୁଇବର୍ଷ ହେଲା ସେତୁ ନିର୍ମାଣ ପାଇଁ ଟେଣ୍ଡର କରି ଠିକାଦାରମାନଙ୍କୁ କାର୍ଯ୍ୟାଦେଶ ଦେଇଥିଲେ। ଏମ୍‌ଭି–୧୧, କୋରୁକୋଣ୍ଡା ଓ ଏମ୍‌ଭି- ୩୭ ନଦୀରେ ସେତୁ ନିର୍ମାଣ ପାଇଁ ୧୧ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ସେଥିରୁ ଏମ୍‌ଭି– ୧୧ ଓ କୋରୁକୋଣ୍ଡା ସେତୁ ନିର୍ମାଣ କାର୍ଯ୍ୟ ଗତ ୨ବର୍ଷ ହେଲା ଆରମ୍ଭ ହୋଇଥିବା ବେଳେ ଏମ୍‌ଭି–୩୭ର ସେତୁ କାର୍ଯ୍ୟ ବର୍ତ୍ତମାନ ଆରମ୍ଭ ହୋଇଛି। ଏମ୍‌ଭି- ୧୧ ସେତୁ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। କୋରୁକୋଣ୍ଡା ସେତୁ କାର୍ଯ୍ୟ ବର୍ଷେ ହେଲା ଅଧାରୁ ବନ୍ଦ ରହିଛି। ଫଳରେ ଏହି ସେତୁ ନିର୍ମାଣକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଚଳିତବର୍ଷ ଏହି ୩ଟି ସେତୁ କାର୍ଯ୍ୟ ଶେଷ ହୋଇଥିଲେ ଆଗାମୀ ବର୍ଷା ଋତୁରେ ଲୋକେ ଆଉ ପୂର୍ବ ଦୁର୍ଦ୍ଦଶା ଭୋଗିବେ ନାହିଁ ବୋଲି ଆଶା କରାଯାଉଥିଲା। ଏ ସମ୍ପର୍କରେ ରାସ୍ତା ଏବଂ ଗୃହ ନିର୍ମାଣ ବିଭାଗ ନିର୍ବାହୀଯନ୍ତ୍ରୀ ଅରୁଣ କୁମାର ସାହୁଙ୍କୁ ପଚାରିବାରୁ ସେ କହିଲେ ଯେ, କୋରୁକୋଣ୍ଡା ନଦୀ ଉପରେ ହେଉଥିବା ସେତୁର ଡିଜାଇନ୍ ପରିବର୍ତ୍ତନ କରାଯିବ । ଫଳରେ ସେଠାରେ କାର୍ଯ୍ୟ ଅଧାରେ ବନ୍ଦ କରାଯାଇଛି। ଭୁବନେଶ୍ୱରରୁ ଡିଜାଇନ୍ ପରିବର୍ତ୍ତନର ନକ୍ସା ଆସିଲେ ତା'ର ଆକଳନ ମୂଲ୍ୟ ଆଉ ଥରେ ଧାର୍ଯ୍ୟ କରାଯାଇ କାର୍ଯ୍ୟ ଆରମ୍ଭ ହେବ । ତେବେ ଏମ୍‌ଭି– ୧୧ ଏବଂ ଏମ୍‌ଭି– ୩୭ ସେତୁ କାର୍ଯ୍ୟ ସମୟସୀମା ମଧ୍ୟରେ ଶେଷ କରିବା ପାଇଁ ସମ୍ପୃକ୍ତ ଠିକାଦାରମାନଙ୍କୁ ତାଗିଦ୍ କରାଯାଇଛି।



ସେତୁ ନିର୍ମାଣ ବନ୍ଦ ରହିଛି ।




# ଏକାଠି ହେଲେ, ମନେପକାଇଲେ ପିଲାଦିନ

ମାଲକାନଗିରି,୧୮।୧(ଡି.ଏନ.ଏ.)–

ପ୍ରତ୍ୟେକ ମଣିଷ ତାଙ୍କ ଜୀବନରେ ବାଲ୍ୟବସ୍ଥାରୁ ବୃଦ୍ଧାବସ୍ଥା ପର୍ଯ୍ୟନ୍ତ କୌଣସି ନା କୌଣସି ସ୍ମୃତିକୁ ମନେ ରଖିଥାନ୍ତି । ମାଲକାନଗିରି ଭଳି ଏକ ଉପାନ୍ତ ଜଙ୍ଗଲ ପାହାଡ ଘେରା ଜିଲାରେ ପିଲା ବେଳେ ପାଠ ପଢିଥିବା କେତେକ ଛାତ୍ରୀଛାତ୍ର ସେମାନଙ୍କ ଦୀର୍ଘ ୨୩ ବର୍ଷର ଛାତ୍ର ଜୀବନକୁ ମନେ ପକାଇବା ପାଇଁ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଏକାଠି ହୋଇଥିଲେ। ଏପରିକି ୟୁକ୍ରେନ୍‌ରେ ଥିବା ଜଣେ ଇଞ୍ଜିନିୟର ଚିତ ରନ ପାଇକରାୟ ମଧ ଏଥିରେ ସାମିଲ ହୋଇଥିଲେ। ପାଇକରାୟ ସମସ୍ତଙ୍କୁ ଏକାଠି କରିବାର ଦାୟିତ୍ୱ ନେଇଥିଲେ। ତାଙ୍କରି ପ୍ରଚେଷ୍ଟାରେ ମାଲକାନଗିରି ସଦର ମହକୁମା ଉଚ୍ଚ ବାଳକ ବିଦ୍ୟାଳୟର ୧୯୯୬ ମାଟ୍ରିକ ବ୍ୟାଚ୍‌ର ୭୦ ଜଣ ଛାତ୍ରୀଛାତ୍ର ଏକତ୍ରିତ ହୋଇଥିଲେ । ଏହି ବ୍ୟାଚ୍‌ର ନୂଆଦିଲୀରେ ଥିବା ଏସ.କେ.ଏନ.ଏସ ବର୍ମା, କଲିକତାର ସାଗରିକା ଶିଉଳି, ଗୁଜୁରାଟ୍‌ରେ ଇଞ୍ଜିନିୟର ଥିବା ରନ୍‌ଧୀର ସେନାପତି, ଛତିଶ୍‌ଗଡରେ ରହୁଥିବା ଡ. ପ୍ରଭାସ ପାରୋଇ, ହାଇଦ୍ରାବାଦରେ ରହୁଥିବା ନିରନ ଦାସଙ୍କ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ରହୁଥିବା ଏହି ବ୍ୟାଚ୍‌ର ୭୦ ଜଣ ପୂର୍ବତନ ଛାତ୍ରୀଛାତ୍ର ମାଲକାନଗିରି ଆସି ସତୀଗୁଡା ପ୍ରାକୃତିକ ପର୍ଯ୍ୟଟନ ସ୍ଥଳି ପରିସରରେ ବନ୍ଧୁମିଳନରେ ସାମିଲ ହୋଇଥିଲେ । ଆନନ୍ଦ ଉଲ୍ଲାସରେ ନାଚ ଗୀତରେ ମଜ୍ଜିଯାଇ ସାରା ଦିନଟି କଟାଇଥିଲେ । ପିଲାଦିନର ଛାତ୍ର ଜୀବନର ପାଠପଢା ସମୟ, କର୍ମମୟ ଜୀବନ, ନିଜ ନିଜ ପରିବାର ନେଇ ସୁଖଦୁଃଖ ହୋଇଥିଲେ।



ବନ୍ଧୁମିଳନରେ ଏକାଠି ହୋଇଥିବା ଛାତ୍ରୀଛାତ୍ରମାନେ ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ